# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 20th June - 2024

### News Editor : *Itishree Singh Rathaur*

*************************************

***Desk***

# ଏମ୍.ଏସ୍.ପି. ବୃଦ୍ଧି

କେନ୍ଦ୍ର ସରକାର ୨୦୨୪-୨୫ ବିପଣନ ଋତୁ ପାଇଁ ୧୪ଟି ଖରିଫ୍ ଶସ୍ୟର ସର୍ବନିମ୍ନ ସହାୟକ ମୁଲ୍ୟ - ଏମ୍.ଏସ୍.ପି. ବୃଦ୍ଧି କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ସାଧାରଣ କିସମ ଧାନର ଏମ୍.ଏସ୍.ପି.କୁ କୁଇଣ୍ଟାଲ୍ ପିଛା ୧୧୭ ଟଙ୍କା ବୃଦ୍ଧି କରାଯାଇ ୨ ହଜାର ୩୦୦ ଟଙ୍କା କରାଯାଇଛି । ସେହିଭଳି ଗ୍ରେଡ୍-ଏ' ଧାନ କ୍ଷେତ୍ରରେ ଏହାକ ୧୧୭ ଟଙ୍କା ବୃଦ୍ଧି ପାଇ ୨ ହଜାର ୩୨୦ ଟଙ୍କା ହୋଇଛି । ହରଡ ଡାଲିର ମୂଲ୍ୟ କୁଇଣ୍ଟାଲ୍ ପିଛା ୫୫୦ ଟଙ୍କା, ମୁଗଡାଲି ୧୨୪ ଟଙ୍କା ଏବଂ ବିରିଡାଲିର ସହାୟକ ମୂଲ୍ୟରେ ୪୫୦ ଟଙ୍କା ବୃଦ୍ଧି ହୋଇଛି । ସେହିଭଳି ବାଦାମର ମୂଲ୍ୟ ୪୦୬ ଟଙ୍କା, ସୂର୍ଯ୍ୟମୁଖୀ ବୀଜ ୫୨୦ ଟଙ୍କା ବୃଦ୍ଧି ପାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧାନ ଓ କପା ସହିତ ଖରିଫ୍ ଫସଲଗୁଡ଼ିକର ଏମ୍.ଏସ୍.ପି. ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ କହିଛନ୍ତି, ଦେଶର କୃଷକମାନଙ୍କର ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ

ରଖି ଏହି ନିଷ୍ପତ୍ତି ନିଆଯାଇଛି । ଏହାଦ୍ୱାରା ରାଜ୍ୟର କୃଷକମାନେ ବିଶେଷଭାବେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***BBSR/R***

# ସୁରମା ପାଢ଼ୀ - ବାଚସ୍ପତି

ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନର ଅନ୍ତିମ ଦିବସରେ ଆଜି ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ତେବେ କୌଣସି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ବି.ଜେ.ପି. ପ୍ରାର୍ଥୀ ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ନିର୍ଦ୍ୱନ୍ଦ୍ୱରେ ବାଚସ୍ପତି ନିର୍ବାଚିତ ହେବାକୁ ଯାଉଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୧ଟାବେଳେ ବାଚସ୍ପତି ନିର୍ବାଚନପାଇଁ ପ୍ରକ୍ରିୟା ଆରମ୍ଭ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ସୁରମା ପାଢ଼ୀ ବାଚସ୍ପତି ହେବା ନେଇ ଆଜି ଏକ ମୋସନ୍ ଆଣିବେ । ମୋସନ୍ ଉପରେ ଦୁଇ ଉପମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ଅନ୍ୟମାନେ ତାଙ୍କୁ ବାଚସ୍ପତି ଆସନ ନିକଟକୁ ପାଛୋଟି ନେବେ । ଏହାପରେ ସେ ବିଧିବଦ୍ଧ ଭାବରେ ସର୍ବସମ୍ମତିକ୍ରମେ ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିବେ । ତେବେ ଦାୟିତ୍ୱ ଗ୍ରହଣ ପରେ ଶ୍ରୀମତୀ ପାଢ଼ୀ ରାଜ୍ୟ ବିଧାନସଭାର ଦ୍ୱିତୀୟ ମହିଳା ବାଚସ୍ପତି ହେବେ ।

***BBSR/R***

# ରତ୍ନଭଣ୍ଡାର

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତିକୁ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଖଣ୍ଡନ କରିଛନ୍ତି । ଛତିଶା ନିଯୋଗ ବୈଠକରେ ଏ ନେଇ କୌଣସି ନିଷ୍ପତ୍ତି ହୋଇ ନାହିଁ ଏବଂ ଏ.ଏସ୍.ଆଇ. ଅଧିକାରୀଙ୍କର ଏଭଳି ବିଭ୍ରାନ୍ତିକର ଖବର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ସୂଚନାଯୋଗ୍ୟ, ଗତକାଲି ନୀଳାଦ୍ରୀ ଭକ୍ତ ନିବାସରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବା ପରେ ଏ.ଏସ୍.ଆଇ. ଅଧୀକ୍ଷକ ଆସନ୍ତା ୮ ତାରିଖରେ ଗଣମାଧ୍ୟମକୁ ରତ୍ନଭଣ୍ଡାର ଖୋଲିବା ନେଇ ସୂଚନା ଦେଇଥିଲେ । ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ରତ୍ନଭଣ୍ଡାର ଖୋଲାଯିବା ସମ୍ବନ୍ଧିତ କୌଣସି ପ୍ରସ୍ତାବ ରାଜ୍ୟ ସରକାରଙ୍କର ହସ୍ତଗତ ହୋଇ ନାହିଁ । ଏଭଳି ପ୍ରସ୍ତାବ ସରକାରଙ୍କର ହସ୍ତଗତ ହେଲେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ।

***Desk***

# ୟୁ.ଜି.ସି.-ନେଟ୍ ପରୀକ୍ଷା ବାତିଲ୍

ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ଦ୍ୱାରା ପରିଚାଳିତ ୟୁ.ଜି.ସି.-ନେଟ୍ ପରୀକ୍ଷା-୨୦୨୪କୁ ଗତକାଲି ବାତିଲ୍ କରାଯାଇଛି । ଗତ ୧୮ ତାରିଖ ମଙ୍ଗଳବାର ଦିନ ଦେଶର ୩୧୭ଟି ସହରର ୧ ହଜାର ୨୦୫ଟି

କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଜାତୀୟ ସାଇବର ସମନ୍ୱୟ କେନ୍ଦ୍ର ପକ୍ଷରୁ ପରୀକ୍ଷାରେ ଅନିୟମିତତା ହୋଇଥିବା ନେଇ ସୂଚନା ମିଳିବା ପରେ ଶିକ୍ଷା ମନ୍ତ୍ରଣାଳୟ ଏହି ପରୀକ୍ଷାକୁ ବାତିଲ୍ କରିଛି । ଆଗାମୀ ଦିନରେ ପୁଣି ଥରେ ପରୀକ୍ଷା କରାଯିବ ବୋଲି ଏନ୍.ଟି.ଏ. କହିଛି । ଏହାସହ ଅନିୟମିତତାର ତଦନ୍ତ କରିବାକୁ ସି.ବି.ଆଇ.କୁ ସୁପାରିସ କରାଯାଇଥିବା ଜଣାପଡ଼ିଛି ।

***Desk***

# ଶିକ୍ଷକ ଯୋଗ୍ୟତା ପରୀକ୍ଷା ଫଳ

ଓଡ଼ିଶା ସେକେଣ୍ଡାରୀ ସ୍କୁଲ୍ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓ.ଏସ୍.ଏସ୍.ଟି.ଇ.ଟି.)-୨୦୨୩ର ଫଳ ପ୍ରକାଶ ପାଇଛି । ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଏହି ପରୀକ୍ଷା ଲାଗି ୪୫ ହଜାର ୧୭୦ ଜଣ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରେ ୨୯ ହଜାର ୧୧୯ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ପାସ୍ ହାର ପୂର୍ବବର୍ଷ ତୁଳନାରେ ଅଧିକ ରହିଛି । ପରୀକ୍ଷାର୍ଥୀମାନେ ବୋର୍ଡ଼ ୱେବ୍‌ସାଇଟ୍‌ରୁ ପରୀକ୍ଷାଫଳ ଡାଉନ୍‌ଲୋଡ୍ କରିପାରିବେ । ପ୍ରଥମ ଥରପାଇଁ ପରୀକ୍ଷା ଫଳ ଉପଲବ୍ଧ ହେବାର କିଛି ସମୟ ମଧ୍ୟରେ ଡିଜିଟାଲ ସାର୍ଟିଫିକେଟ୍ ପ୍ରଦାନ ଲାଗି ବୋର୍ଡ଼ ପକ୍ଷରୁ ବ୍ୟବସ୍ଥା କରାଯାଇଛି ।

*Desk*

# ଯୋଗ ଦିବସ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତାକାଲି ଅନ୍ତର୍ଜାତୀୟ ଯୋଗଦିବସ ପାଳନ କରାଯିବ । ଯୋଗଦିବସର ପ୍ରସ୍ତୁତି ନେଇ ଗତକାଲି ଲୋକସେବା ଭବନର ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରୁ ମିଳିଥିବା ସୂଚନା ଅନୁସାରେ, ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଯୋଗଦିବସ ପାଳନ କରାଯିବ । ସେହିପରି କଟକ ଜବାହରଲାଲ୍ ନେହେରୁ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ମଧ୍ୟ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସାଂସଦ ଓ ବିଧାୟକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

*Nabarangpur/R*

# ଶିଶୁଶ୍ରମିକ ନିରାକରଣ

ନବରଙ୍ଗପୁର ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ସବୁଜ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଜିଲ୍ଲାର ୧୦ଟି ବ୍ଲକ୍ ଓ ଦୁଇଟି ପୌରପାଳିକା ଅଞ୍ଚଳରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ରଥ ବୁଲି ଜନସାଧାରଣଙ୍କୁ ସଚେତନ କରାଇବ ।

ଜିଲ୍ଲାକୁ ୨୦୨୫ ସୁଦ୍ଧା ଶିଶୁଶ୍ରମିକ ମୁକ୍ତ ଜିଲ୍ଲା ଭାବେ ଗଢ଼ିତୋଳିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି ।

***Met.O.***

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ଓଡ଼ିଶାର ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ସକ୍ରିୟ ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨ରୁ ୩ ଦିନ ମଧ୍ୟରେ ମୌସୁମୀ ଆଉ କିଛି ଅଞ୍ଚଳକୁ ପ୍ରବେଶ କରିବାର ସମ୍ଭାବନା ରହିଛି । ଅପରପକ୍ଷରେ, ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଗତକାଲି ନୂଆପଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଦଶମିକ ୩ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି ।

*****